The Pragativadi, 19/3/2018

# ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବାର ଉଚ୍ଚାକାଂକ୍ଷା ରଖ




**ଭୁବନେଶ୍ୱର/ଜଟଣୀ,ତା୧୮।୩(ପିଏନଏସ):** ଭୁବନେଶ୍ୱର ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ସାମ୍ନାରେ ଅନେକ ଚାଲେଞ୍ଜ ରହିଛି। ଏହାକୁ ଅତିକ୍ରମ କରି ଆଗକୁ ଯିବାକୁ ହେବ। ତେବେ ଶିକ୍ଷାନୁଷ୍ଠାନ ତା'ର ରୋଡମ୍ୟାପ କ୍ଷ'ଣ କରୁଛି ସେଥିରେ ଛାତ୍ରଛାତ୍ରୀ କିଛି ଭାବନ୍ତୁ ନାହିଁ। ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବାର ଉଚ୍ଚାକାଂକ୍ଷା ରଖନ୍ତୁ। ଶିକ୍ଷା ହେଉ, ଗବେଷଣା ହେଉ, ସାମାଜିକ ପ୍ରଭାବ ଅଥବା ଶ୍ରେଷ୍ଠ ଭିତ୍ତିଭୂମି ପ୍ରତିଷ୍ଠା ହେଉ। ଏହା ସହଜ ନୁହେଁ। କିନ୍ତୁ ଅସମ୍ଭବ ମଧ ନୁହେଁ।

ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ବା ଆଇଆଇଟି ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେଇ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା କହିଛନ୍ତି। ସେ କହିଥିଲେ ଯେ, ଆଇଆଇଟିଆନଭାବେ ପ୍ରତ୍ୟେକ ଛାତ୍ରଛାତ୍ରୀ ବିଶ୍ୱସ୍ତରୀୟ ଶିକ୍ଷାଲାଭ କରିବାର ସୌଭାଗ୍ୟ ପାଇଛନ୍ତି। ତେଣୁ ସମାଜକୁ କିଛି ଫେରାଇବାର ନୈତିକ ଦାୟିତ୍ୱ ରହିଛି। ତୃଣ-ମୂଳସ୍ତରରେ ଶିକ୍ଷା ଓ ମେଧାବୃତ୍ତିକୁ ପହଞ୍ଚାଇପାରିଲେ ଏହା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଷ୍ଠ କାର୍ଯ୍ୟ ହେବ।

ସେ କହିଥିଲେ ଯେ, ଦୁଇ ସପ୍ତାହ ପୂର୍ବେ ଚଳିତ ମାସର ୬ ତାରିଖରେ ରାଷ୍ଟ୍ରପତି ଭବନରେ ଆଇଆଇଟି, ଆଇଜର ଓ ଆଇଆଇଏସର ନିର୍ଦ୍ଦେଶକମାନଙ୍କ ସହିତ ଦିନତମାମ ବୈଠକ କରିଥିଲେ। ସେତେବେଳେ ଜାତୀୟ ଗୁରୁତ୍ୱ ବହନ କରୁଥିବା ଏହିସବୁ ଶିକ୍ଷାନୁଷ୍ଠାନର ଭବିଷ୍ୟତ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଏଥିପାଇଁ ସବୁପ୍ରକାର ସହଯୋଗ କରିବା ଲାଗି ମଧ କହିଥିଲେ।

## ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତିଙ୍କ ପରାମର୍ଶ

ଭୁବନେଶ୍ୱର ଆଇଆଇଟି ପକ୍ଷରୁ ୬ଟି ଗାଁକୁ ପୋଷ୍ୟଭାବେ ଗ୍ରହଣ କରାଯାଇଥିବାରୁ ଏହା ଅଭିନନ୍ଦନୀୟ ପ୍ରସ୍ତାବ ବୋଲି ଉଲ୍ଲେଖ କରି ରାଷ୍ଟ୍ରପତି କହିଥିଲେ ଯେ, ଏହିଭଳିଭାବେ ବିଭିନ୍ନ ଗାଁର ସାମାଜିକ ଓ ଶିକ୍ଷାଗତ ଜୀବନରେ ଉନ୍ନତି ଆଣିବା ନିମନ୍ତେ ପଦକ୍ଷେପ ନେବା ଜରୁରୀ। ଯେଉଁମାନେ ମେଡାଲ ବା ଡିଗ୍ରୀ ପାଇଲେ ସେମାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିଲେ। ସେହି ଛାତ୍ରଛାତ୍ରୀମାନଙ୍କ ପାଇଁ ସେମାନଙ୍କ ପିତାମାତା ଓ ଅଭିଭାବକ ଗର୍ବ ଅନୁଭବ କରୁଥିବେ ବୋଲି ସେ କହିଥିଲେ।

ସମାବର୍ତ୍ତନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଆଇଆଇଟିରୁ ସଫଳତା ପୂର୍ବକ କୃତକାର୍ଯ୍ୟ ହୋଇଥିବା ୧୨ ଜଣପିଏଚଡି ସ୍କଲାରଙ୍କୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ପ୍ରଦାନ କରିବା ସହିତ ୧୫୦ଜଣ ବିଟେକ, ୬୦ଜଣ ଏମଟେକ, ୭୧ଜଣ ଏମଏସସି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ଲାଗି ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ଡ. ଏସ,ସି. ଜମିର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରପତିଙ୍କ ସହଧର୍ମିଣୀ ସବିତା କୋବିନ୍ଦ, କେନ୍ଦ୍ର ମାନବସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ ସିଂ, ଆଇଆଇଟିର ନିର୍ଦ୍ଦେଶକ ଭି ରାଜାକୁମାର, ଆଇଆଇଟି ବୋର୍ଡ ଅଫ ଗଭର୍ଣ୍ଣର୍ସର ଅଧକ୍ଷ ପଙ୍କଜ ରାମଭାଇ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।





### ଇତିହାସର ନୂଆ ତଥ୍ୟ ରାଷ୍ଟ୍ରପତି ରଖିଲେ

## ରାମ ଆସିଥିଲେ ଓ ପାଣ୍ଡବ ନିର୍ବାସନରେ ରହିଥିଲେ

**ଭୁବନେଶ୍ୱର,ତା୧୮।୩(ପିଏନଏସ):** ଆଇଆଇଟି ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ସମାରୋହରେ ଉଦ୍‌ବୋଧନ ଦେଲାବେଳେ ଇତିହାସର ନୂଆ ତଥ୍ୟ ରଖିଛନ୍ତି। ଆଇଆଇଟିର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଐତିହାସିକ ବରୁଣେଇ ପାହାଡର ପାଦଦେଶରେ ଆଇଆଇଟିର ଏହି କ୍ୟାମ୍ପସ ଅତି ଗୁରୁତ୍ୱପୂର୍ଣ୍ଣ। ଏହା ଏକ ସାଧାରଣ ସ୍ଥାନ ନୁହେଁ। ବିଶ୍ୱାସ କରାଯାଏ ଏହି ସ୍ଥାନକୁ ଭଗବାନ ରାମ ଆସିଥିଲେ ଏବଂ ଏକଥା ମଧ ବିଶ୍ୱାସ ରହିଛି ଯେ, ପାଣ୍ଡବମାନେ ନିର୍ବାସନ ସମୟରେ ଏହି ସ୍ଥାନରେ ରହିଥିଲେ।

ରାଷ୍ଟ୍ରପତି କହିଥିଲେ ଯେ, ୨ଶହ ବର୍ଷ ପୂର୍ବେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଏଠାରେ ପାଇକ ବିଦ୍ରୋହ ହୋଇଥିଲା। ଯାହାକି ୧୮୫୭ର ସିପାହୀ ବିଦ୍ରୋହର ବହୁ ପୂର୍ବର ସ୍ୱାଧୀନତା ସଂଗ୍ରାମ। ତେଣୁ ଏଭଳି ଏକ ଐତିହାସିକ ସ୍ଥାନରେ ହୋଇଥିବା ଆଇଆଇଟି କ୍ୟାମ୍ପସରେ ରହୁଥିବାରୁ ଏହାର ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଗର୍ବ ଅନୁଭବ କରିବା ଉଚିତ।





ଭୁବନେଶ୍ୱର ଆଇଆଇଟିର ଷଷ୍ଠ ସମାବର୍ତ୍ତନ ସମାରୋହରେ ଇଣ୍ଡିଆନ ଅଏଲ କର୍ପୋରେସନର ସିଏମଡି ସଞ୍ଜୀବ ସିଂହ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ରାଜ୍ୟପାଳ ଡକ୍ଟର ଏସ.ସି.ଜମିରଙ୍କୁ ଉପହାର ପ୍ରଦାନ କରୁଛନ୍ତି।